**କୁକୁଡ଼ା ବୋଝେଇ ଭ୍ୟାନ୍ ଧକ୍କାରେ ଯୁବକ ମୃତ**

ବେତନଟୀ,(ଧରଣୀଧର ମହାନ୍ତି)-ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ଦାନ୍ତିଆମୁହାଁ ଛକରେ ଶନିବାର ବିଳମ୍ବିତ ରାତିରେ ଏକ କୁକୁଡ଼ା ବୋଝେଇ ପିକ୍ଅପ୍ ଭ୍ୟାନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୋରଡ଼ା ଥାନା ଅଧୀନ ସାନମୁଣ୍ଡାବଣି ଗ୍ରାମର ବାହାଦୁର ଟୁଡୁ। ସେ ତାଙ୍କ ଭଉଣୀ ସରସ୍ୱତୀଙ୍କ ସହ ପାରାଦୀପ ଯିବା ପାଇଁ ଦାନ୍ତିଆମୁହାଁ ଛକରେ ବସ୍କୁ ଅପେକ୍ଷା କରିଥିଲେ। ବାହାଦୂର ଜାତୀୟ ରାଜପଥ ଅତିକ୍ରମ କରୁଥିବା ସମୟରେ ପିକ୍ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

## ସଂକ୍ଷେପରେ

### ହାଇକୋର୍ଟଙ୍କ ରାୟ ପରେ ନିଷ୍ପତ୍ତି ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର,୨୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ): ବହୁ ପ୍ରତୀକ୍ଷିତ କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ସ୍ଥଗିତ ରହିଛି। ଏ ନେଇ ଶୁକ୍ରବାର ଅନୁଷ୍ଠିତ ସଂଘର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟ ସଦସ୍ୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ସ୍ପଷ୍ଟ ହୋଇଛି। ସମାନ ଗୁରୁତ୍ୱ ଓ ଏକ ନିର୍ବାଚନ ମାମଲା ସମ୍ପର୍କିତ ରିଟ୍ ଉଚ୍ଚ ନ୍ୟାୟାଳୟରେ ଅର୍ଡର ପେଣ୍ଡିଂ ଥିବାରୁ ଏବେ ନିର୍ବାଚନ ହେଲେ କୋର୍ଟ ଅବମାନନା ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଉକ୍ତ ଆଦେଶନାମା ଆସିବା ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ହୋଇଛି। ରାୟ ଆସିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଆଲୋଚନା ହୋଇଥିଲା।

ଅନ୍ୟପକ୍ଷରେ ଉଚ୍ଚ ନ୍ୟାୟାଳୟ ରିଟ୍ ପିଟିଶନ (ନଂ.୧୯୪୯/୨୦୨୩)ର ଶୁଣାଣିକୁ ଖାରଜ ବେଳେ ଏ ସଂକ୍ରାନ୍ତରେ ଥିବା ଅନ୍ୟ ମାମଲାଗୁଡ଼ିକ ଖାରଜ ହୋଇଥିବା ନେଇ ଆଦେଶ କରିଥିବାରୁ ନିର୍ବାଚନ ପ୍ରକ୍ରିୟା ଜାରି ରଖିବାକୁ କେତେଜଣ ଟ୍ରକ୍ ମାଲିକ ଦାବି କରିଛନ୍ତି। ତେବେ ନିର୍ବାଚନ କମିଟି ଆଇନଗତ ବ୍ୟବସ୍ଥାକୁ ଦେଖି ଶୁଣାଣି ସାରିଥିବା ଆଉ ଏକ ରିଟ୍ର ଆଦେଶକୁ ଅପେକ୍ଷା କରି ଏଭଳି ନିଷ୍ପତ୍ତି ନେଇଛନ୍ତି। ରିଟ୍ ପିଟିଶନ (ନଂ. ୨୩୧୯/୨୦୨୩)ର ଶୁଣାଣି ସରିଥିଲେ ହେଁ ଆଦେଶ ସଂରକ୍ଷିତ ରହିଛି। ଆଦେଶ କ'ଣ ହେବ ଜଣାନାହିଁ। ଏଣୁ ଉକ୍ତ ଆଦେଶ ଆସିବା ପରେ ନିର୍ବାଚନ ସୁରୁଖୁରୁରେ ହୋଇପାରିବ ବୋଲି ନିର୍ବାଚନ କମିଟି ମୁଖ୍ୟ ଗୋପାଳକୃଷ୍ଣ ପରିଡ଼ା କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇ ସେପ୍ଟେମ୍ବର ୨୪ ତାରିଖରେ ନିର୍ବାଚନ ହେବା ପାଇଁ ପ୍ରସ୍ତୁତି ସରିଥିଲା। ପ୍ରାର୍ଥିପତ୍ର ଦାଖଲ ସରିଥିଲା। ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଦେଇଥିଲେ। କିନ୍ତୁ କୋର୍ଟଙ୍କ ହସ୍ତକ୍ଷେପ ପରେ ନିର୍ବାଚନ ପ୍ରକ୍ରିୟା ଓ ପ୍ରାର୍ଥୀ ତାଲିକା ଘୋଷଣାକୁ ସ୍ଥଗିତ ରଖାଯାଇଥିଲା।

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ସରପଞ୍ଚଙ୍କ ପରଲୋକ

ଖୁଣ୍ଟା,୨୪।୯ (ଦେବରଞ୍ଜନ ବେହେରା)- ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ପୂର୍ବତନ ଉପାଧକ୍ଷ ତଥା ସାନଖୁଣ୍ଟା ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ବେହେରା(୭୦)ଙ୍କ ରବିବାର ଅପରାହ୍ନରେ ପରଲୋକ ହୋଇଛି। ସେ ୧୯୮୭ରୁ



୧୯୯୨ ଓ ୧୯୯୫ରୁ ୨୦୦୦ ଦୁଇଥର ସାନଖୁଣ୍ଟା ପଞ୍ଚାୟତର ସରପଞ୍ଚ ହୋଇଥିଲେ। ଶ୍ରେଷ୍ଠ କାର୍ଯ୍ୟ ପାଇଁ ସେ ରାଜ୍ୟପାଳ ପୁରସ୍କାର ଗ୍ରହଣ କରିଥିଲେ। ଗତ କିଛିମାସ ଧରି ଅସୁସ୍ଥତା ଯୋଗୁ ଚିକିତ୍ସାଧୀନ ଥିବାବେଳେ ସାନଖୁଣ୍ଟାସ୍ଥିତ ବାସଭବନରେ ତାଙ୍କର ମୃତ୍ୟୁ ଘଟିଛି। ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀଙ୍କ ସମେତ ୨ ପୁତ୍ର, ପୁତ୍ରବଧୂ, ୨ ଝିଅ ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ଭଙ୍ଗାଗଲା ୫୦ ବର୍ଷର ସୁନାନଦୀ ସେତୁ

### ନୂତନ ସେତୁରେ ଚଳାଚଳ କରିବେ ଲୋକେ

ଯୋଡ଼ା,୨୪।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରକୁ ଆଧୁନିକୀକରଣ ଓ ଯାତାୟାତରେ ସୁଗମ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବହୁ ଯୋଜନା ପ୍ରଣୟନ ହେଉଛି। ଏହି ପରିପ୍ରେକ୍ଷୀରେ ଯୋଡ଼ା ଫ୍ଲାଏ୍ ଓଭର ବ୍ରିଜ୍ କାର୍ଯ୍ୟ ଜାରି ରହିଛି। ଫ୍ଲାଏ ଓଭରର ସର୍ଭିସ ରୋଡ୍ ତଥା ସହର ଉପକଣ୍ଠରେ ପ୍ରବାହିତ ସୁନା ନଦୀ ଉପରେ ନୂତନ ସେତୁ ନିର୍ମାଣ ହୋଇଥିବା ବେଳେ ରବିବାର ୫୦ ବର୍ଷରେ ପୁରାତନ ସେତୁକୁ ମେଶିନ ସାହାଯ୍ୟରେ ଭଙ୍ଗାଯାଇଛି।

ପ୍ରକାଶ ଯେ, ଟ୍ରାଫିକ ସମସ୍ୟାର ନିୟନ୍ତ୍ରଣ, ଖଣି ମଣ୍ଡଳରୁ ଦୃତ ଖଣିଜ ଉତ୍ତୋଳନ ଓ ଏହାର ବ୍ୟବସ୍ଥିତ ପରିବହନକୁ ସୁଗମ କରିବା ପାଇଁ ଏକ ଫ୍ଲାଏ ଓଭର ବ୍ରିଜ କାର୍ଯ୍ୟ ଜାରି ରହିଛି। ଓଭରବ୍ରିଜର ଉଭୟ ପାର୍ଶ୍ୱରେ ୨ଟି ସର୍ଭିସ ରୋଡ୍ ପାଇଁ ୨ଟି ସେତୁ



ପୁରାତନ ସେତୁ ଭଙ୍ଗାଯାଉଛି।

ନିର୍ମାଣ ହେବ। ଗୋଟିଏ ପାର୍ଶ୍ୱର ସେତୁ ପାଇଁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ସମ୍ପୃକ୍ତ ପୋଲରେ ଯାନବାହାନ ଚଳାଚଳ ଜାରିରଖି ଅପରପାର୍ଶ୍ୱର ପୋଲର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପୁରାତନ ପୋଲ ଭଙ୍ଗା ଆରମ୍ଭ ହୋଇଛି। ପୋଲଟି ଦୀର୍ଘ ପ୍ରାୟ ୫ ଦଶନ୍ଧି ଧରି ସହରର ମୁଖ୍ୟ ବଜାରକୁ ସଂଯୋଗ କରୁଥିଲା। ପୋଲ ଯୋଡ଼ା ଓ ବନେଇକଳା ପରି ଦୁଇଟି ଅଞ୍ଚଳକୁ ମଧ୍ୟ ସଂଯୋଗ କରି ଅଞ୍ଚଳବାସୀଙ୍କୁ ସେବା ଦେଇ ଆସିଛି। ପୋଲ ଦେଇ ବିଜୁ ପଟ୍ଟନାୟକ ରାଜ୍ୟ ରାଜପଥ ନଂ ୨ରେ ଅଞ୍ଚଳରୁ ଦୈନିକ ଅନେକ ହଜାର ମେଟ୍ରିକ ଟନ୍ ଖଣିଜ ପଥର ପରିବହନ ହୋଇଥାଏ। ଏହି ପୋଲକୁ ଅତିକ୍ରମ କରି ଜୁରୁଡ଼ି, ବାମେବାରି ଅଞ୍ଚଳର ଲୋକେ ଚର୍ଚ୍ଚ, ମସ୍‌ଜିଦ ଓ ଯୋଡ଼ାର ପ୍ରସିଦ୍ଧ ଲକ୍ଷ୍ମୀ ମନ୍ଦିରକୁ ଯାଉଥିଲେ। ଏହା ଏକ ପ୍ରକାର ଭାଇଚାରାର ପୋଲଥିଲା ବୋଲି ପୁରୁଣା ପୋଲକୁ ଭାଙ୍ଗିବା ବେଳେ ଉପସ୍ଥିତ ଶିକ୍ଷାବିତ୍ ସୋମନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସମେତ ଉପସ୍ଥିତ ଯୋଡ଼ାର କିଛି ମହିଳା ଓ ପୁରୁଷ କହିଥିବା ବେଳେ ସେମାନଙ୍କ ଆଖିରେ ଲୁହ ଆସି ଯାଇଥିବା ଦେଖିବାକୁ ମିଳିଥିଲା।

# ବଦଳିଲେ ରରୁଆଁ ଥାନାଧିକାରୀ

### ଜମି ବିବାଦକୁ ନେଇ ଗିରଫ ବ୍ୟକ୍ତିଙ୍କୁ ମାଡ଼

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ) /ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୨୪।୯

ଜମି ବିବାଦକୁ ନେଇ ଜନୈକ ଯୁବକକୁ ମୟୂରଭଞ୍ଜ ଜିଲା ରରୁଆଁ ପୋଲିସ ଥାନାକୁ ଆଣି ଥାର୍ଡ ଡିଗ୍ରୀ ପ୍ରୟୋଗ ଅଭିଯୋଗରେ ଜିଲା ଆରକ୍ଷୀ ଅଧିକ୍ଷକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଥାନା ଅଧିକାରୀ ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କୁ ବାରିପଦାସ୍ଥିତ ସାଇବର ଥାନାକୁ ବଦଳି କରିଛନ୍ତି। ଏହା ସହିତ ଘଟଣାର ତଦନ୍ତ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନାଯୋଗ୍ୟ, ରରୁଆଁ ଥାନା ଅଧୀନ ଉତ୍ତରପୋଷି ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ଶୁକ୍ରବାର ଗାଁକୁ ଯାଇ ଶରତ ଗିରି ନାମକ ଯୁବକଙ୍କୁ ଥାନାକୁ ଆଣିଥିଲା। ପରେ ଥାନା ବାହାରେ ଓ ଭିତରେ ଲାଇଟ ବନ୍ଦ କରି ଶନିବାର ରାତିରେ ୪ ଜଣ ପୋଲିସ କର୍ମଚାରୀ ଶରତଙ୍କୁ ନିଘୁମ ମାଡ଼ ମାରିଥିଲେ। ଯୁବକ ଗୁରୁତର ହେବାରୁ ପରିବାର ଲୋକଙ୍କୁ ଡକାଇ ମେଡିକାଲ ନେବାକୁ କହିଥିଲେ। ଶରତଙ୍କ ଦେହରେ ମାଡ଼ ଚିହ୍ନ ଦେଖି ପରିବାର ଲୋକେ ପ୍ରତିବାଦ କରିଥିଲେ। ପରେ ଗ୍ରାମର ଶତାଧିକ ଲୋକ ଥାନା ପରିସରରେ ଏକତ୍ରିତ ହୋଇ ଧାରଣା ଦେଇଥିଲେ। ପରିବାର ଲୋକେ ଶରତକୁ ପ୍ରଥମେ ରରୁଆଁ ଓ ପରେ କରଞ୍ଜିଆ



ଶରତ ଗିରି

ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଶରତ ଚିକିତ୍ସାଧୀନ ଥିବା ବେଳେ ପୋଲିସର ଥାର୍ଡ ଡିଗ୍ରୀକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବାର ଲୋକେ ଦାବି କରିଛନ୍ତି। ତେବେ ୫-ଟି ଅଧୀନରେ ଥିବା ଜିଲା ପୋଲିସର କାର୍ଯ୍ୟକଳାପକୁ ନେଇ ସାଧାରଣରେ ନିନ୍ଦା କରାଯାଉଛି। ଖାରପୋଖରିଆ ଓ ରରୁଆଁ ଥାନାରେ ସମାନ ଧରଣର ଘଟଣା ଘଟିଥିବା ବେଳେ ରରୁଆଁ ଥାନାଧିକାରୀଙ୍କ ବଦଳି କରାଯାଇଛି। ଏପରି ଘଟଣାକୁ ନେଇ ଜିଲାରେ ପୋଲିସର ଗୁଣ୍ଡାଗର୍ଦ୍ଦି ବୃଦ୍ଧି ପାଉଥିବା ବେଳେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳିବା କଷ୍ଟକର ହୋଇପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ମାଛ ଗୋଦାମ ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ସନ୍ଦେହ



ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ତଦନ୍ତ କରୁଛି।

ରୂପସା,୨୪।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ହଳଦୀପଦା ରେଳ ଷ୍ଟେଶନ ନିକଟରୁ ରବିବାର ଏକ ମାଛ ଗୋଦାମ ମ୍ୟାନେଜରଙ୍କ ମୃତଦେହ ଜିଆର୍‌ପି ଥାନା ପୋଲିସ ଜବତ କରିଛି। ମୃତ ମ୍ୟାନେଜର ହେଉଛନ୍ତି ବସ୍ତା ଥାନା ସାନଖୁଡ଼ି ଗ୍ରାମର ଶରତ ସିଂହଙ୍କ ପୁଅ ଜ୍ୟୋତିର୍ମୟ (୨୮)। ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଜିଆର୍‌ପି ଥାନା ପୋଲିସ, ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଜରୋରି ରଖିଛି। ସୂଚନା ଅନୁଯାୟୀ, ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ଜେଟି ଅଞ୍ଚଳର ବୋଟ୍ ମାଲିକ ଗୋରାଚାନ୍ଦ ଜେନା ଓ ଅନିଲ ପାତ୍ରଙ୍କ ମାଛ ଗୋଦାମରେ ଜ୍ୟୋତିର୍ମୟ ମ୍ୟାନେଜର ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ଶନିବାର ରାତିରେ ସେ ଗୋଦାମରେ ନ ପହଞ୍ଚିବାରୁ ମାଲିକ ଦ୍ୱୟ ତାଙ୍କୁ ଖୋଜାଖୋଜି କରିଥିଲେ। ଏହାପରେ ରବିବାର ପୂର୍ବାହ୍ନରେ ହଳଦୀପଦା ରେଳ ଷ୍ଟେଶନ ନିକଟ ଡାଉନ ଲାଇନ୍ ରେଳଧାରଣା ପାର୍ଶ୍ୱରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବାଲେଶ୍ୱର ଜିଆର୍‌ପି ଥାନାକୁ ଖବର ଦେଇଥିଲେ। ଜିଆର୍‌ପି ଥାନା ଓଆଇସି ପପୁ ନାୟକ ଓ ସବ୍-ଇନ୍ସପେକ୍ଟର କରନ ମାରାଣ୍ଡି ପହଞ୍ଚି ତଦନ୍ତ ଜାରି ରଖିଥିଲେ। ଅପରପକ୍ଷରେ ମୃତକଙ୍କ ପରିବାରବର୍ଗ ଜ୍ୟୋତିର୍ମୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରି ରେଳ ଧାରଣା ନିକଟରେ ପକାଇ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଆର୍‌ପି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୯୫।୨୩) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଜିଆର୍‌ପି ଥାନା ପୋଲିସ କହିଛି। ମୃତଦେହ ନିକଟରୁ ଏକ ମୋବାଇଲ ଓ କାଗଜପତ୍ର ଜବତ ହୋଇଛି।

# ଭାଜପାର ପ୍ରତିବାଦ ସଭା

ଚାନ୍ଦବାଲି, ୨୪।୯(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାଲଗୁଣ୍ଡା ପଞ୍ଚାୟତରେ ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଏକ ପ୍ରତିବାଦ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଥିଲେ, ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ିଚାଲିଥିବା ବେଳେ କେନ୍ଦ୍ରର ବିଭିନ୍ନ ଯୋଜନାକୁ ବାଟମାରଣା କରାଯାଇଛି। ସାଧାରଣ ଲୋକଙ୍କ ପାଇଁ ହୋଇଥିବା ଯୋଜନାକୁ ଶାସକ ଦଳର କର୍ମୀମାନେ ଚଞ୍ଚକତା କରି ହାତେଇଛନ୍ତି। ପଞ୍ଚାୟତ ସଭାପତି ହେମେନ୍ଦ୍ର କୁମାର ବାରିକ ସଭାପତିତ୍ୱ କରିଥିଲେ। ସରପଞ୍ଚ ଭାରତୀ ବିଶ୍ୱାଳ, ସମିତିସଭ୍ୟ ଅଭୟ ଭଳ, ବରିଷ୍ଠ ନେତା କାହ୍ନୁ ବେହେରା, ଉପସଭାପତି କମଳାକାନ୍ତ ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, ମଣ୍ଡଳ ସଭାପତି ଦୈତାରୀ ଦାସ, ପୂର୍ବତନ ସରପଞ୍ଚ ମନୋଜ ବିଶ୍ୱାଳ, ଯୁବ ମୋର୍ଚ୍ଚାର ଗୌରହରି ରାଉତ, ରମେଶ ରାଉତ, ଜୟଦେବ ଦାସ, ଗୋବର୍ଦ୍ଧନ ବିଶ୍ୱାଳ, ସଞ୍ଜୟ ଦାସ, ସରୋଜିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# 'ସାଲିସ୍ ବିହୀନ ଜନନେତା ଥିଲେ ଟିକୁ ସ୍ୱାଇଁ'



ସ୍ମୃତିସଭାରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହ ଅତିଥିମାନେ।

ବନ୍ତ,୨୪।୯(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ସାଲିସ ବିହୀନ ଜନନେତା ଥିଲେ ସ୍ୱର୍ଗତ ଟିକୁ ସ୍ୱାଇଁ। ବନ୍ତ ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା। ବିକାଶ ପାଇଁ ସେ ସର୍ବଦା ଲଢ଼େଇ କରୁଥିଲେ ବୋଲି ରବିବାର ସ୍ୱର୍ଗତ ସ୍ୱାଇଁଙ୍କ ୧୮ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ବନ୍ତ ଥାନା ଛକଠାରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ ବିଜେଡି ସମ୍ପାଦକ ସୁବାସ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦୀନ, ପ୍ରଶାନ୍ତ ଦାଶ, ଏମ୍‌ପି ପ୍ରତିନିଧି ଶ୍ରୀନାଥ ମହାନ୍ତି, ସମିତିସଭ୍ୟ ପରମେଶ୍ୱର ବାରିକ, ସରପଞ୍ଚ ଅଶୋକ ସାହୁ, ପ୍ରଶାନ୍ତ ସାମଲ, ଜଇନୁଲ ଆବେଦିନ, ରବୀନ୍ଦ୍ର ଦାସ, ଭବେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୁପୁତ୍ର ସ୍ମୃତି ରଞ୍ଜନ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଓ ବସନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜଳସେଚନ କାର୍ଯ୍ୟାଳୟ ଛକଠାରୁ ବାଇକ୍ ଶୋଭାଯାତ୍ରାରେ ଅତିଥିମାନଙ୍କୁ ପାଛୋଟି ଅଣାଯିବା ପରେ କେନ୍ଦୁଆପଦା ଛକସ୍ଥିତ ସ୍ୱର୍ଗତ ସ୍ୱାଇଁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ବନ୍ତ ଡାକ୍ତରଖାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନିର୍ବାଚନମଣ୍ଡଳୀ ବିଜେଡି ସଭାପତି ବିପିନ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ପୂର୍ବତନ ସରପଞ୍ଚ ବିଜୟ ନାୟକ, ରତ୍ନାକର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ରାଜପଥ ମରାମତି କଲେ ସରପଞ୍ଚ

ଚମ୍ପୁଆ,୨୪।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ରିମୁଳି ଜାତୀୟ ରାଜପଥରେ ଖାଲଖମା ବଢ଼ି ଚାଲିଥିବା ବେଳେ ରାଜପଥ ପ୍ରାଧିକରଣ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆ ଯାଉନାହିଁ। ଫଳରେ ପ୍ରତ୍ୟହ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ରଜିଆ ସରପଞ୍ଚ ଅଣ୍ଡାଭିଡ଼ି ଖାଲଖମା ମରାମତି କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଚମ୍ପୁଆ ରିମୁଳି ଜାତୀୟ ରାଜପଥର ମହେଶ୍ୱର ନିକଟରେ ରହିଥିବା ପୋଲର ଉଭୟ ପ୍ରାର୍ଶ୍ୱରେ ବଡ଼ ବଡ଼ ଖାଲ ହୋଇଛି। ବିଭିନ୍ନ ସମୟରେ ବାଇକଠାରୁ ଆରମ୍ଭ କରି କାର ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାକୁ ପ୍ରତିରୋଧ କରିବା ପାଇଁ ସରପଞ୍ଚ ସନ୍ତୋଷ ନାଏକ ନିଜସ୍ୱ ପାଣ୍ଠିରୁ ଅର୍ଥ ପ୍ରଦାନ କରି ସ୍ଥାନୀୟ ଲୋକଙ୍କ ସହାୟତାରେ ରାସ୍ତାକୁ ମରାମତି କରିଥିବା ଦେଖିବାକୁ ମିଳିଛି।



ସରପଞ୍ଚଙ୍କ ଦ୍ୱାରା ଜାତୀୟ ରାଜପଥ ମରାମତି ହେଉଛି।

# 'ମନ୍ କି ବାତ୍'ର ସିଧା ପ୍ରସାରଣ



'ମନ୍ କି ବାତ୍' କାର୍ଯ୍ୟକ୍ରମର ସିଧା ପ୍ରସାରଣ ବେଳେ ଉପସ୍ଥିତ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

ବାଲେଶ୍ୱର,୨୪।୯ (ମାନସ ବିଶ୍ୱାଳ)

ବାଲେଶ୍ୱର ଷ୍ଟେଶନ ଛକସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍'ର ୧୦୫ ତମ ପ୍ରସାରଣର ଲାଇଭ୍ ଶୋ' ରବିବାର ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତରଞ୍ଜନ ପଣ୍ଡା, ମମତା ମହାପାତ୍ରଙ୍କ ସମେତ ୨୦୦ରୁ ଅଧିକ ଶ୍ରୋତା ଉପସ୍ଥିତ ଥିଲେ।

ପ୍ରସାରଣରେ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ କି ବାତ୍‌ରେ ଅନେକ ହୃଦୟସ୍ପର୍ଶୀ ଓ ଦୃଢ଼ ଏକାତ୍ମ ଚିନ୍ତନ ଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ନିଜସ୍ୱ ଉଦ୍ୟମରେ ଜଣେ ୧୧ ବର୍ଷ ବୟସର ଝିଅ କିପରି ୭ଟି ଲାଇବ୍ରେରୀ ପ୍ରତିଷ୍ଠା କରି ସୁପରିଚାଳନା କରୁଛି, ଦୃଷ୍ଟିହୀନ ବିଦେଶୀ ଝିଅଟିଏ ପିଲାଦିନରୁ ନିଜସ୍ୱ ଚେଷ୍ଟାରେ ଅନେକ ଭାରତୀୟ ଭାଷାରେ ସଙ୍ଗୀତ ସାଧନା କରିବା, କେମିତି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଛୋଟ ଛୋଟ ପିଲାମାନଙ୍କ ପାଇଁ ଚଳମାନ ପାଠାଗାର (ଘୋଡ଼ା ଲାଇବ୍ରେରୀ) ମାଧ୍ୟମରେ ନିଃଶୁଳ୍କ ସେବା ଦିଆଯାଉଛି ଓ ପଶ୍ଚିମବଙ୍ଗର ଜଙ୍ଗଲମହଲରେ ଶାଳପତ୍ର ସିଲେଇ କରି ମହିଳାମାନେ କିଭଳି ସ୍ୱାବଲମ୍ବୀ ହେଉଛନ୍ତି ତାହା ପ୍ରଧାନ ମନ୍ତ୍ରୀ ଉଲ୍ଲେଖ କରିଥିଲେ।

### ଚଳନ୍ତା ଟ୍ରେନରୁ ଓହ୍ଲାଇବା ବେଳେ କଟିଗଲେ ଆରଏମ୍ଏସ୍ କର୍ମଚାରୀ

ତିହିଡ଼ି,୨୪।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ଗ୍ରାମର ଆର୍‌ଏମ୍ଏସ୍ (ରେଲୱେ ମେଲ୍ ସର୍ଭିସ) କର୍ମଚାରୀ ପ୍ରମୋଦ ନାୟକ(୫୦)ଙ୍କ ଶନିବାର ରାତିରେ ଟ୍ରେନ୍‌ରେ କଟି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ପ୍ରମୋଦ କୋଲକାତାରେ ଆରଏମ୍ଏସ୍ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ରାତିରେ ସେ ଇଷ୍ଟକୋଷ୍ଟ ଟ୍ରେନ୍‌ରେ ଘରକୁ ଫେରୁଥିଲେ। ଭଦ୍ରକସ୍ଥିତ ଚରମ୍ପା ରେଲୱେ ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ବେଳକୁ ସେ ଶୋଇପଡ଼ିଥିଲେ। ଟ୍ରେନ୍ ଛାଡ଼ିବା ପରେ ହଠାତ୍ ତାଙ୍କ ନିଦ ଭାଙ୍ଗିଯିବାରୁ ସେ ତରବର ହୋଇ ଚଳନ୍ତା ଟ୍ରେନ୍‌ରୁ ତଳକୁ ଡେଇଁ ପଡ଼ିବାରୁ କଟିଯାଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରେଲୱେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି।

# ସ୍ୱୟଂଚାଳିତ ପୂର୍ବାନୁମାନ ପାଣିପାଗ କେନ୍ଦ୍ର ପ୍ରତିଷ୍ଠା ଦାବି

### ବିଭାଗୀୟ ମହାନିର୍ଦ୍ଦେଶକଙ୍କୁ ଭେଟିଲେ ଏମ୍‌ପି

ଭଦ୍ରକ, ୨୪।୯(ସନାତନ ରାଉତ)

ଭଦ୍ରକ ସଂସଦୀୟ କ୍ଷେତ୍ର ଅଧୀନ ଆରଡ଼ି, ଧାମରା ଓ ବାଲେଶ୍ୱର ଜିଲା ଗୋପାଳପୁରଠାରେ ସ୍ୱୟଂଚାଳିତ ପୂର୍ବାନୁମାନ ପାଣିପାଗ କେନ୍ଦ୍ର ପ୍ରତିଷ୍ଠା କରାଯାଉ। ଏନେଇ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶନିବାର ଭାରତୀୟ ପାଣିପାଗ ବିଜ୍ଞାନକେନ୍ଦ୍ରର ମହାନିର୍ଦ୍ଦେଶକ ତଥା ଭଦ୍ରକ ମାଟିର ଗର୍ବ ଓ ଗୌରବ ମୃତ୍ୟୁଞ୍ଜୟ ମହାପାତ୍ରଙ୍କୁ ଭେଟି ଲିଖିତ ପତ୍ର ଦେଇ ଆଲୋଚନା କରିଛନ୍ତି।

ଆରଡ଼ି, ଚାନ୍ଦବାଲି, ଧାମରା, ବାସୁଦେବପୁର ଓ ଗୋପାଳପୁର ଉପକୂଳବର୍ତ୍ତୀ ଅଞ୍ଚଳ। ଏହି ଅଞ୍ଚଳ ସମେତ ପଡ଼ୋଶୀ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଜିଲା ମଧ୍ୟ ବାତ୍ୟା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ପ୍ରତିବର୍ଷ ପ୍ରଭାବିତ ହେଉଛି। ସାଳନ୍ଦୀ, ବୈତରଣୀ, ବ୍ରାହ୍ମଣୀ, କାଂସବାଂଶ, ମନ୍ତେଇ ସହ ଶାଖା ନଦୀଗୁଡ଼ିକରେ ବନ୍ୟା ଆସି ଧନଜୀବନ ନଷ୍ଟ ହୋଇଯାଉଛି। ଭଦ୍ରକର ଆରଡ଼ି, ଧାମରାରେ ସ୍ୱୟଂଚାଳିତ ପୂର୍ବାନୁମାନ



ଏମ୍‌ପି ମଞ୍ଜୁଲତା ମଣ୍ଡଳ ଭାରତୀୟ ପାଣିପାଗ ବିଜ୍ଞାନକେନ୍ଦ୍ରର ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପାଣିପାଗ କେନ୍ଦ୍ର ପ୍ରତିଷ୍ଠା ହେଲେ ଆଗୁଆ ପାଣିପାଗ ଖବର ପାଇବା ସହ ଜନସାଧାରଣ ଓ ମତ୍ସ୍ୟଜୀବୀମାନେ ସତର୍କ ହୋଇପାରିବେ। ଫଳରେ ଅନେକ ଧନଜୀବନ ରକ୍ଷା ହୋଇପାରିବ। ଏହି କେନ୍ଦ୍ର ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି, ଜମି ମଧ୍ୟ ଉପଲବ୍ଧ ଥିବା ସହ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିବେ। ଖୁବ୍‌ଶୀଘ୍ର ବିଭାଗୀୟ ଅନୁମୋଦନ ପରେ ପ୍ରତିଷ୍ଠା ହେବ ବୋଲି ମହାନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିବା ଏମ୍‌ପି ମଣ୍ଡଳ କହିଛନ୍ତି।

## ରାଜପଥରେ ଡିଜେଲ ଚୋରି ବଢ଼ୁଛି

ପାଟଣା,(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ତୁରୁମୁଙ୍ଗା ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଗାଡ଼ିରୁ ଡିଜେଲ ଚୋରି ବଢ଼ୁଛି। ଏହା ଦୈନିକ ଘଟଣାରେ ପରିଣତ ହୋଇଯାଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ତୁରୁମୁଙ୍ଗା ବଜାରରେ ଛିଡ଼ା ହୋଇଥିବା ୪ ଟ୍ରକ୍‌ରୁ ଦୁର୍ବୃତ୍ତ ଡିଜେଲ ଚୋରି କରିନେଇଛନ୍ତି। ଡ୍ରାଇଭର ବିଶ୍ରାମ ନେଉଥିବାରୁ ଜାଣିପାରିନଥିଲେ। ତୁରୁମୁଙ୍ଗା ଏନ୍‌ଏଚ୍‌ସ୍ଥିତ ବଜାରକୁ ତୁରୁମୁଙ୍ଗା ଥାନା ଲାଗିଥିଲେ ହେଁ ସମାନ ଢଙ୍ଗରେ ବାରମ୍ବାର ଡିଜେଲ ଚୋରି ହେଉଥିଲେ ହେଁ ପୋଲିସ ଦୁର୍ବୃତ୍ତଙ୍କ ଟେର ପାଉପାରୁନି।

### ସଂକ୍ଷେପରେ

## ଘର ଭିତରୁ ୧୨ ଫୁଟ୍‌ର ଅହିରାଜ ଉଦ୍ଧାର



ଉଦଳା, ୨୪।୯ (ସନ୍ତୋଷ କୁମାର ବାଛିନୀ)-ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ବଡ଼ଖମଣ ଗ୍ରାମର ହମବିର ମୁର୍ମୁଙ୍କ ଘର ଭିତରୁ ୧୨ ଫୁଟ୍‌ର ଅହିରାଜ ଉଦ୍ଧାର ହୋଇଛି। ଘର ଭିତରେ ଚାଳ ନିକଟରେ ସାପ ଦେଖିବା ପରେ ପରିବାର ଲୋକେ ସ୍ନେକ ଲାଇଫ୍ ଲାଇନର ସଦସ୍ୟଙ୍କୁ ଖବର ଦେଇଥିଲେ। ସ୍ନେକ ଲାଇଫ୍‌ଲାଇନ ସଦସ୍ୟ ଅଭିଜିତ୍ ବେହେରା, ଅଭିଜିତ୍ ବିଶ୍ୱାଳ, ରନିତ୍ ବିଶ୍ୱାଳ ଓ ଅଭିନନ୍ଦନ ଦଣ୍ଡପାଟ ପହଞ୍ଚି ସାପଟିକୁ ଉଦ୍ଧାର କରି ଶିମିଳିପାଳ ଜଙ୍ଗଲରେ ଛାଡ଼ି ଦେଇଥିଲେ। ଉକ୍ତ ଅହିରାଜ ୬ ଫୁଟ୍‌ର ବିଷାକ୍ତ ନାଗସାପକୁ ଗିଳିଥିବା ଦେଖିବାକୁ ମିଳିଛି।

## ଜଳିଗଲା ୩ ବଖରା

ସୋର,୨୪।୯(ଜନ୍ମେଜୟ ମିଶ୍ର)- ସୋର ବ୍ଲକ ମାଣିପୁର ପଞ୍ଚାୟତ ରଣପୁର ଟିଙ୍ଗି ଗ୍ରାମର ଶଙ୍କର୍ଷଣ ଦାସଙ୍କ ଘରେ ଶନିବାର ରାତିରେ ନିଆଁ ଲାଗି ୩ ବଖରା ସମେତ ଏକ ଗୁହାଳ ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଘର ଭିତରେ ଥିବ ୩ ଶିଶୁଙ୍କ ସମେତ ୨ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଗୁହାଳ ଘରେ ଥିବା ୩ଟି ଗୋରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ୩ ଛେଳି ପୋଡ଼ି ମରିଛନ୍ତି। ଅନ୍ୟ ୧୫ଟି ଛେଳି ଆହତ ହୋଇଛନ୍ତି। ଏଥି ସହିତ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ସୋର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଇଛି। ଖବରପାଇ ରବିବାର ସକାଳେ ବିଧାୟକ ପର୍ଶୁରାମ ଧଡ଼ା ପହଞ୍ଚି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରଛନ୍ତି।

## ଡିଜେ ଗାଡ଼ି ଜବତ

ନୀଳଗିରି,୨୪।୯(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ଥାନା ଗୋପୀନାଥପୁର ଗ୍ରାମରେ ବିନା ଅନୁମତିରେ ଗଣେଶ ଭସାଣିରେ ଡିଜେ ବାଜୁଥିବା ବେଳେ ପୋଲିସ ଏହାକୁ ଜବତ କରିଛି। ଶନିବାର ରାତିରେ ଗୋପୀନାଥପୁର ଗ୍ରାମରେ ଗଣେଶ ଭସାଣି ଚାଲିଥିବା ବେଳେ ଅତି ଜୋର୍‌ରେ ଡିଜେ ବାଜୁଥିଲା। ଅଭିଯୋଗ ପାଇ ନୀଳଗିରି ଥାନା ଅଧିକାରୀ ଗୋପାଳ କର୍ଣ୍ଣ, ସବ୍-ଇନ୍ସପେକ୍ଟର ଦିଲ୍ଲୀପ କୁମାର ସେନାପତି ପହଞ୍ଚି ଡିଜେ ଗାଡ଼ିକୁ ଜବତ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଛି।

## ବ୍ରହ୍ମାନନ୍ଦ ସଭାପତି, ବିଷ୍ଣୁ ସମ୍ପାଦକ ନିର୍ବାଚିତ

### ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଖଇରା,୨୪।୯(ଉତ୍କଳବନ୍ଧୁ ପଣ୍ଡା) ବାଲେଶ୍ୱର ଜିଲା ଖଇରା ବ୍ଲକର କୁପାରୀ ହାଇସ୍କୁଲ ପରିସରରେ ଶନିବାର ଓଷ୍ଟାର ସାମ୍ବିଧାନିକସମ୍ମିଳନୀଅନୁଷ୍ଠିତହୋଇଯାଇଛି। ଜିଲା ସଭାପତି ମନୋରଞ୍ଜନ ଦାସ ଓ ସମ୍ପାଦକ ବିଜୟ କୁମାର ପାତ୍ର ସମ୍ମିଳନୀକୁ ପରିଚାଳନା କରିଥିଲେ। ପରେ ଶାଖାର ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରହ୍ମାନନ୍ଦ ସାହୁ ସଭାପତି, ବିଷ୍ଣୁପ୍ରସାଦ ମିଶ୍ର ସମ୍ପାଦକ, ଭରତ ସାହୁ ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟାନ୍ୟ ପଦବୀଗୁଡ଼ିକ ମନୋନୟନ ପ୍ରକ୍ରିୟାରେ ପୂରଣ କରାଯାଇଥିଲା । ଶେଷରେ ବିଜୟୀ ଓ ମନୋନୀତ କର୍ମକର୍ତ୍ତାମାନେ ଶପଥ ପାଠ କରିଥିଲେ ।

## ଛେଳି ଚରାଇବା ବେଳେ ବଜ୍ରପାତରେ ଜୀବନ ଗଲା

ବୈଶିଙ୍ଗା/ବେତନଟୀ,୨୪।୯(ରତନ ଦାଶ/ଧରଣୀଧର ମହାନ୍ତି)-ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ବୈଶିଙ୍ଗା ଥାନା ଅଧୀନ ନାଖରା ଗ୍ରାମରେ ରବିବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ସୁଦର୍ଶନ ପାଲ(୪୮)। ଗାଁ ମୁଣ୍ଡରେ ଛେଳି ଚରାଉଥିବା ବେଳେ ଅପରାହ୍ନ ୩ଟା ବେଳେ ବଜ୍ରପାତ ହୋଇଥିଲା। ଛେଳିଗୁଡ଼ିକ ଘରକୁ ପଳାଇ ଆସିଥିବା ବେଳେ ଦୀର୍ଘସମୟ ଧରି ସୁଦର୍ଶନ ନ ଆସିବାରୁ ତାଙ୍କ ସାନପୁଅ ସନ୍ଧ୍ୟାରେ ଖୋଜିବାକୁ ଯାଇ ବାପା ପଡ଼ିଆରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଳାତ୍କାର ପରେ ହତ୍ୟା ଅଭିଯୋଗ

**■ନଦୀରୁ ମହିଳାଙ୍କ ମୃତଦେହ ଜବତ ଘଟଣା**

**■ଆଉ ୨ ଅଭିଯୁକ୍ତ କୋର୍ଟଚାଲାଣ**

କେନ୍ଦୁଝର,୨୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ ବସନ୍ତପୁର ବୈତରଣୀ କୂଳରେ ମହିଳାଙ୍କ ମୃତଦେହ ୨ ଦିନ ପଡ଼ିବା ଘଟଣା ଭିନ୍ନ ମୋଡ଼ ନେଇଛି। ମୃତା ବାରିଆ ଥାନା ଅଞ୍ଚଳର ସୁନିତା ଘଣା (୨୭)ଙ୍କୁ ତାଙ୍କ ସ୍ୱାମୀ ସୁପାରି ଦେଇ ହତ୍ୟା କରିଥିବା ପ୍ରମାଣ ମିଳିବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିଲା। ରବିବାର ଘଟଣାରେ ସମ୍ପୃକ୍ତ ଆଉ ଦୁଇ ଜଣଙ୍କୁ କୋର୍ଟଚାଲାଣ କରିଛି। ନିଖୋଜର ଦୀର୍ଘ ଦିନ ପରେ ମୃତଦେହ ମିଳିଥିବାରୁ ହତ୍ୟା ପୂର୍ବରୁ ସୁନିତାଙ୍କୁ ବଳାତ୍କାର କରାଯାଇଥିବା ତାଙ୍କ ଭାଇ ମାଉସୀ ପୁଅ ଭାଇ ରଜତ ମହାକୁଡ଼ ଓ ଭାଇ ସୁଭାଷ କୁମାର ଅଭିଯୋଗ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସୁନିତାଙ୍କ ଘର ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ସାରକୁଣ୍ଡ ଗ୍ରାମରେ ହୋଇଥିବା ବେଳେ ପୋଡ଼ାଶିମୁଳି ଗ୍ରାମରେ ଦ୍ୱିତୀୟ ବିବାହ କରିଥିଲେ। ସୁରେଶଙ୍କ ପୂର୍ବରୁ ସ୍ତ୍ରୀ ଓ ଦୁଇ ପିଲା ଥିଲେ। ସେମାନେ କାଶୀପୁରରେ ଭଡ଼ା ଘରେ ରହୁଥିଲେ। କିଛି ଦିନ ତଳେ ସୁନିତା ତାଙ୍କ ଭାଇ ସୁବାସଙ୍କଠାରୁ ସ୍ୱାମୀଙ୍କ ଗାଡ଼ି ସଜାଡ଼ିବା ପାଇଁ ଦେଢ଼ ଲକ୍ଷ ଟଙ୍କା ଆଣିଥିଲେ। ତେବେ ସେପ୍ଟେମ୍ବର ୩ ରୁ ସୁନିତାଙ୍କ ମୋବାଇଲ ବନ୍ଦ ଥିବାରୁ ସୁବାସ ଏ ନେଇ ଭିଣୋଇ ସୁରେଶଙ୍କୁ ପଚାରିଥିଲେ। ସୁନିତା କୁଆଡ଼େ ପଳାଇଥିବା ସୁରେଶ କହିଥିଲେ। ସୁନିତାଙ୍କ ନିଖୋଜ ସମ୍ପର୍କରେ ସ୍ୱାମୀ ସେପ୍ଟେମ୍ବର ୯ରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେପ୍ଟେମ୍ବର ୧୭ରେ ଅଜଣା ମୃତଦେହ ନୟାକୋଟ ଥାନା ଅଞ୍ଚଳରୁ ମିଳିବା ପରେ ପରିବାର ଲୋକେ ଚିହ୍ନଟ କରିଥିଲେ। ପୋଲିସ ସନ୍ଦେହରେ ସ୍ୱାମୀଙ୍କୁ ଜେରା ସମୟରେ ଜାଣିବାକୁ ପାଇଲା ଯେ, ସୁନିତାଙ୍କୁ ଖଣ୍ଡାଧାର ବୁଲାଇବାକୁ କହି ବାଇକ୍‌ରେ ନିଆଯାଇଥିଲା। ବାଟରେ ଅନ୍ୟ ୨ ଜଣ ଅପେକ୍ଷା କରିଥିଲେ। ତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ନଦୀରେ ଫୋପାଡ଼ି ଦିଆଯାଇଥିଲା। ତେବେ ମୃତଦେହ ନଦୀରେ ଭାସିଯାଇ ବସନ୍ତପୁରଠାରେ ଲାଗିଥିଲା। ବାମେବାରି ଓ ନୟାକୋଟ ଥାନା ମଧ୍ୟରେ ସୀମା ବିବାଦ କାରଣରୁ ମୃତଦେହ ୨ଦିନ ପଡ଼ି ରହିଥିଲା। ପରେ ନୟାକୋଟ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୩) ରୁଜୁ କରିଥିଲା। ମୃତଦେହ ଜବତ କରିବା ସହ ତଦନ୍ତ ପରେ ଏହା ହତ୍ୟା ବୋଲି ଜଣାପଡ଼ିଥିଲା। ନିଖୋଜ ମାମଲା ଦିନଠାରୁ ଟାଉନ ଥାନା ପୋଲିସ ଯଦି ତତ୍ପରତା ଦେଖାଇଥାଆନ୍ତା ସୁନିତା ହୁଏତ ମୃତ୍ୟୁ ମୁଖରୁ ବଞ୍ଚି ଯାଇଥାନ୍ତେ ବୋଲି ମୃତ ସୁନିତାଙ୍କ ଭାଇ ଓ ମାଉସୀ ପୁଅ ଭାଇ କହିଛନ୍ତି। ଏସ୍‌ଡିପିଓ ମହେନ୍ଦ୍ର ମୁର୍ମୁ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି, ଅନ୍ୟ ୨ ଜଣଙ୍କୁ ଗିରଫ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ବଳାତ୍କାର ହୋଇଥିବା ନ ହୋଇଥିବା ଜଣାପଡ଼ିବ ବୋଲି ସେ ସୂଚନା ଦେଇଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ




ଜାତୀୟ ସେବା ଯୋଜନା ଦିବସରେ ଉପସ୍ଥିତ ସ୍ୱେଚ୍ଛାସେବୀମାନେ।

ବାଲେଶ୍ୱର,୨୪।୯(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରବିବାର ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ସମାଜ ପାଇଁ ସେବା, ଜାତି ପାଇଁ ଶକ୍ତି ରେ ଏନ୍ ଏସ୍ ଏସ୍ ର ଭୂମିକା ଏହାର ମୁଖ୍ୟ ପ୍ରସଙ୍ଗ ରହିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଏହି ଦିବସ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଏନ୍‌ଏସ୍‌ଏସ୍ ଡିପିଓ ଗୌରାଙ୍ଗ ପଣ୍ଡା, ଅତିଥି ବକ୍ତା ଭାବେ ଓଡ଼ିଶା ଆନନ୍ଦ ମାର୍ଗ ପ୍ରାକ୍‌ର ସଂଘ ରାଜ୍ୟ ସଂଯୋଜକ ଡ. ଭାସ୍କର ଚନ୍ଦ୍ର ଜେନା ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମ ସଂଗଠିତ ତଥା ସଂଯୋଜିତ କରିଥିବା ବେଳେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ପଲକ୍ ଧନ୍ୟବାଦ ପ୍ରଦାନ କରିଥିଲେ। ପରେ ଇତିହାସ ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଜୀନା ପ୍ରିୟଙ୍କା ଜେଠିଙ୍କ ଦ୍ୱାରା ପରିଚାଳିତ ଏକ ଆତ୍ମରକ୍ଷା ତାଲିମ ଅଧିବେଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଉପସ୍ଥାପିତ ଡ. ମନଜିତ୍ ଭଟ୍ଟାଚାର୍ଯ୍ୟ, ଶିବାନୀ ହାଂସଦା, ଏନ୍‌ଏସ୍‌ଏସ୍ କାର୍ଯ୍ୟାଳୟ ଧାରକ ତାପସ କୁମାର ପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ କ୍ୟାମ୍ପସ ପରିସର ସଫା କରି ଶ୍ରମଦାନ କରିଥିଲେ।

## ନଦୀରେ ବୁଡ଼ି ବୃଦ୍ଧା ମୃତ

ତେଲକୋଇ,୨୪।୯(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ତେଲକୋଇ ଥାନା ଶିବ ନାରାୟଣପୁର ଗୋଡ଼ା ପଞ୍ଚାୟତ କମଳାଙ୍ଗ ଗ୍ରାମର ସମାକୋଇ ନଦୀରେ ବୁଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାବିତ୍ରୀ ମୁଣ୍ଡା(୬୦)। ସେ କିଛିଦିନ ତଳେ ଛାମୁଣ୍ଡା ପଞ୍ଚାୟତ ଶିରିଆ ବାହାଳ ଗ୍ରାମ ଝିଅ ଘରକୁ ଏକ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ। ଶନିବାର ଘରକୁ ଫେରୁଥିଲେ। ରାମଚନ୍ଦ୍ରପୁରଠାରେ ସମାକୋଇ ନଦୀ ପାର ହୋଇ ଯିବା ବେଳେ ଗଭୀର ଜଳରେ ବୁଡ଼ିଯାଇଥିଲେ। ରବିବାର ସକାଳୁ ଏକ ମୃତଦେହ ନଦୀରେ ଭାସିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ଏବଂ ତେଲକୋଇ ପୋଲିସକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ମୃତଦେହ ଜବତ କରିବା ପରେ ବୃଦ୍ଧାଙ୍କ ପରିଚୟ ମିଳିଥିଲା। ପୋଲିସ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଆରମ୍ଭ କରିଛି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ରକ୍ତଦାନ ଶିବିର

ଚାନ୍ଦବାଲି,୨୪।୯ (କିଶାନ ପାତ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମବାର୍ଷିକୀ ସପ୍ତାହ ଅବସରରେ ଚାନ୍ଦବାଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ଶନିବାର ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୨୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ରକ୍ତ ଅଭାବରୁ ଯେପରି କୌଣସି ରୋଗୀଙ୍କର ମୃତ୍ୟୁ ନ ଘଟେ, ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ଯୁବନେତା ବିଜୟ ବେହେରା। ଭାଜପା ଯୁବମୋର୍ଚ୍ଚା ନେତୃତ୍ୱରେ ରାଜ୍ୟ କୃଷକ ମୋର୍ଚ୍ଚାର ସଦସ୍ୟ ତଥା ବାଲେଶ୍ୱର ଜିଲା ପ୍ରଭାରୀ ଉପେନ୍ଦ୍ର ରାଉଳ, ଜିଲା ଉପସଭାପତି କମଳାକାନ୍ତ ସୂତାର, ବରିଷ୍ଠ ନେତା କାହ୍ନୁଚରଣ ବେହେରା, ମୀନକେତନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପାଣି, ଯୁବନେତା ସ୍ମୃତିରଞ୍ଜନ ନାୟକ, ଚନ୍ଦନ ରାଉତ, ବୁନୁ ମହାନ୍ତି, ବିଜୟ ବେହେରା, ବିଶ୍ୱନାଥ ସୂତାର, ବିଜୟ ପାଢ଼ୀ, ସନ୍ଦୀପ ନାୟକ, ରାଜକିଶୋର ବାରିକ, ଶୀତ ମହାଳିକ, ବିଟୁ ମହାନ୍ତି, ଗୌରହରି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ଦଳର ଭୁବନେଶ୍ୱର ଯାତ୍ରା

### ରାଜ୍ୟସ୍ତରୀୟ ମହିଳା ଜୁନିୟର ହକି ଚାମ୍ପିୟନଶିପ୍

ବାରିପଦା,୨୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଜୁନିୟର ମହିଳା ହକି ଖେଳାଳି।

ଓଡ଼ିଶା ହକି ଆସୋସିଏସନ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବାର୍ଷିକ ରାଜ୍ୟସ୍ତରୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ମହିଳା ଦଳ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛି। ୧୮ ଜଣିଆ ଦଳରେ ଯମୁନା ହାଁସଦା (ଅଧିନାୟକ), ପାର୍ବତୀ ମୁର୍ମୁ (ଉପ ଅଧିନାୟକ), ଭାଗ୍ୟଶ୍ରୀ ବେହେରା, ଫୁଲମଣୀ ମୁର୍ମୁ, ସୁଗୀ ସୋରେନ, ସସ୍ମିତା ଚାପେୟାର, ଗଙ୍ଗା ହାଁସଦା, ପାର୍ବତୀ ସୋରେନ, ମାମିନା ଟୁଡ୍ଡୁ, ସୁଚିତ୍ରା ସିଂ, ରେଖା ଟୁଡ୍ଡୁ, ଯମୁନା ମୁର୍ମୁ, ରଶ୍ମିତା ଚାପେୟାର, ରାଇମଥ ହେମ୍ବ୍ରମ, ରୂପଶ୍ରୀ ବେଶ୍ରା, ନମିତା ମୁର୍ମୁ, ଶର୍ମିଳା ମାର୍ଣ୍ଡି ଓ ରାନୀ ସୋରେନ ସାମିଲ ଅଛନ୍ତି। ଦଳ ସହିତ କୋଚ ଜୁଲିଆନୀ ବେଗ ମଧ୍ୟ ଯାତ୍ରା କରିଛନ୍ତି। ସୋମବାରଠାରୁ ଆରମ୍ଭ ହେବାକୁ ଥିବା ଏହି ଚାମ୍ପିୟାନସିପ୍‌ରେ ମୟୂରଭଞ୍ଜ ଦଳ ତାର ପ୍ରଥମ ମ୍ୟାଚ ବାଲେଶ୍ୱର ସହିତ ଖେଳିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ପ୍ରକାଶ କରିଛନ୍ତି। ଜିଲାପାଳ ତଥା ହକି ଆସୋସିଏସନର ସଭାପତି ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲାପାଳ ତଥା ସମ୍ପାଦକ ଅକ୍ଷୟ ସୁନୀଲ ଅଗ୍ରୱାଲ ଖେଳାଳୀମାନଙ୍କୁ ଶୁଭକାମନା ଜଣାଇଛନ୍ତି।

# ବଡ଼ ସରକାର ବାବାଙ୍କ ଫାତେହା ସମାରୋହ



ଧର୍ମସଭାରେ ଉପସ୍ଥିତ ଭକ୍ତମାନେ।

ଭଦ୍ରକ,୨୪।୯ (ସନାତନ ରାଉତ)

ଭଦ୍ରକ ବାଇପାସ୍ ରୋଡ୍‌ସ୍ଥିତ ସରକାରନଗର ଖାନକାହ ପରିସରରେ ସିଦ୍ଧ ପୁରୁଷ ସୈୟଦ ଶାହା ନସିମ ଅଖତର କାଦରୀ ଓରଫ ହଜରତ୍ ବଡ଼ ସରକାରବାବାଙ୍କ ନବମ ବାର୍ଷିକ ଫାତେହା ପର୍ବ ରବିବାର ପାଳିତ ହୋଇଯାଇଛି। ଗୁଲସନେ ଗୌଷପାକ୍ ଟ୍ରଷ୍ଟ ସଭାପତି ହାଫିଜ ହାଜି ସେଖ ମହମ୍ମଦ ଇସହାକ, ସମ୍ପାଦକ ସେକ ଅତା ମୋହିଉଦ୍ଦିନ ଉପସ୍ଥିତ ଥିଲେ। ବିଭିନ୍ନ ରାଜ୍ୟରୁ ଭକ୍ତମାନେ ଯୋଗ ଦେଇଥିଲେ। ଉତ୍ସବର ପୂର୍ବଦିନ ଭକ୍ତମାନେ ଖାନକା କମିଟିରେ ଭୋଗ ପାଇଁ ଫଳ ସାମଗ୍ରୀ ପହଞ୍ଚାଇଥିଲେ। ଅର୍ଦ୍ଧରାତ୍ରିରେ ସମାଧୀ ପୀଠରେ ଜଳ ଲାଗି ଗୋସଲଖାନି କରି ଚାଦର ଚଢ଼ା ଯାଇଥିଲା। ସକାଳ ନମାଜ ପାଠ ପରେ କୁର୍‌ଆନ୍ ଖାନି, ମିଲାଦ ଶରିଫ ଏବଂ ଫାତେହା ଉତ୍ସବ ହୋଇଥିଲା। ପୌରାଧକ୍ଷା ଗୁଲମକ୍କୀ ଦଲୱାଜି ହବିବ ଭକ୍ତମାନଙ୍କ ପାଇଁ ହେଲ୍‌ଥ କ୍ୟାମ୍ପ୍‌ର ଆୟୋଜନ କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଟାଉନ ବିଜେଡି ସଭାପତି ତାହେର ମହମ୍ମଦ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସର ପୂର୍ବତନ ସଭାପତି ସୁବ୍ରତ ଦାସ, ନଳିନୀ ମହାନ୍ତି, ଟାଉନ ସଭାପତି ହାଜି ଅବଦୁଲ ମୁକିତ୍ ଖାନ ପ୍ରମୁଖ ଯୋଗ ଦେଇଥିଲେ। ଗୁଲସନେ ନସିମଠାରେ କାଦରୀ ବିରାଦରାନ କମିଟି ପକ୍ଷରୁ ଉର୍ଷେ କାଦରୀୟା ଧର୍ମସଭା ସନ୍ଧ୍ୟାରେ ହୋଇଥିଲା। କବି ମୁସ୍ତାକ ଗୋହରଙ୍କ ସଞ୍ଚାଳନରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କର୍ଣାଟକର ମୌଲାନା ସୈୟଦ ସାହା ତନୱିର ହାଶମି, ୟୁପିରୁ ସୈୟଦ ସାହା କମାଲ ହସନ ଏବଂ ବିଭିନ୍ନ ରାଜ୍ୟର ବିଶିଷ୍ଟ କବି ବଡ଼ ସରକାର ବାବାଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ସଭାପତି ସେକ ହବିବୁଲ୍ଲା, ସମ୍ପାଦକ ସେକ ଅଖତର, ଜାୱେଦ ଅଖତର, ସେଖ ଅବୁ କଲାମ ଓ ସେକ କମିରୁଦ୍ଦିନ ପ୍ରମୁଖ ପରିଚାଳନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଲକ୍ଷ୍ମଣ



@ପପୁ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ଏନ୍‌ଏସ୍‌ଏସ୍ ଦିବସ




ଏନ୍‌ଏସ୍‌ଏସ୍ ଦିବସରେ ଉପସ୍ଥିତ ସ୍ୱେଚ୍ଛାସେବୀ ଓ ଅଧ୍ୟାପିକାମାନେ।

ଖଇରା,୨୪।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ପଞ୍ଚାୟତ ସମିତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଏନ୍‌ଏସ୍‌ଏସ୍ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଅନିତାରାଣୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାର୍ଯ୍ୟକ୍ରମ ପରିଚାଳିକା ଅଳକାନନ୍ଦା ସାହୁ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ଅଧ୍ୟାପକ ବସନ୍ତ କୁମାର ସୂତାର,ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ସୁଲୋଚନା ଦାସ ଓ ମମତାମୟୀ ପଣ୍ଡା,କସ୍ତୁରିକନିକା ଦାସ ପ୍ରମୁଖ ଉପସ୍ଥିତ ରହି ଜାତୀୟ ସେବା ଯୋଜନାରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

## ବକେୟା ପାଉଣା ଦାବିରେ ୨୭ରେ ଗଣଧାରଣା




ଡିଲର୍ସ ସଂଘ ସଦସ୍ୟମାନେ।

### ଜିଲା ପିଡିଏସ୍ ଡିଲର୍ସ ସଂଘ

ଘସିପୁରା,୨୪।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ପିଡିଏସ୍ ଡିଲର୍ସ ସଂଘ ପକ୍ଷରୁ ଆନନ୍ଦପୁର ପୌରପରିଷଦ ୩ ନଂ. ୱାର୍ଡରେ ଥିବା ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୧ ମାସର ବକେୟା ପ୍ରାପ୍ୟ ଦାବିରେ ସର୍ବଭାରତୀୟ ଡିଲର୍ସ ଫେଡେରେସନର ଓଡ଼ିଶା ଶାଖା ପକ୍ଷରୁ ୨୭ ତାରିଖରେ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ଗଣଧାରଣା ଦିଆଯିବା ନେଇ ଆଲୋଚନା ହୋଇଥିଲା। ପରେ କେନ୍ଦୁଝର ଜିଲା ପିଡିଏସ୍ ଡିଲର୍ସ ସଂଘର ସଭାପତି ରଞ୍ଜନ ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, କରୋନା କାଳରୁ ବକେୟା ଥିବା ପାଉଣା ମଧ୍ୟରୁ ଡିଲରମାନେ ମାତ୍ର ୯ ମାସର ପାଉଣ ପାଇଛନ୍ତି। ଅଦ୍ୟାବଧି ୩୧ ମାସର ପାଉଣା ବକେୟା ରହିଛି। ଫଳରେ ପିଡିଏସ ଡିଲର୍‌ମାନଙ୍କ ପରିବାର ଭରଣପୋଷଣରେ ନାନା ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଡିଲରମାନଙ୍କୁ ବକେୟା ପାଉଣା ଦେବାରେ ସରକାରୀସ୍ତରରେ ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ଗଣଧାରଣା ଭଳି ଚରମ ନିଷ୍ପତ୍ତି ନିଆଯାଇଥିବା ଜିଲା ସଭାପତି ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପାଖାପାଖି ୪ଶହ ଦଶ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବା ଏବଂ ରାଜ୍ୟ ସରକାର ଏହି ଅର୍ଥକୁ ଯୋଗାଣ ନିଗମକୁ ପ୍ରଦାନ କରିଥିବା ସତ୍ତ୍ୱେ ଅଦ୍ୟାବଧି ବକେୟା ଅର୍ଥ ପ୍ରାପ୍ୟ ପ୍ରଦାନ ନହେବା ଘଟଣାରେ ଡିଲର୍ସମାନେ ଉଦବେଗ ପ୍ରକାଶ କରିଛନ୍ତି। ଅର୍ଥରୁ ଯୋଗାଣ ନିଗମ ପକ୍ଷରୁ ପଡିଏସ୍ ପରିବହନ ଠିକାଦାରମାନଙ୍କୁ ନିୟମିତ ବ୍ୟବଧାନରେ ଅର୍ଥ ପଇଠ କରାଯାଉଛି। ମାତ୍ର ଡିଲର୍ସମାନଙ୍କୁ ଅର୍ଥ ପଇଠ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରାଯାଉଥିବା ଅଭିଯୋଗ ହୋଇଛି।

